ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ଡିସେମ୍ବର ୨୬ /୨୦୧୮ Dhenkanal, Wednesday December 26 / 2018

## ସଂକ୍ଷେପରେ

### କେନ୍ଦ୍ରୀୟ ଡେପୁଟେଶନରେ ଯିବେ ସି.ଏସ୍ କୁମାର

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)
ରାଜ୍ୟ ପଣ୍ୟାଗାର ନିଗମ(ଓଏସ୍‌ଡବ୍ଲ୍ୟୁସି) ଅଧକ୍ଷ ଭାବେ ନିଯୁକ୍ତି ପାଇଥିବା ୧୯୯୨ ବ୍ୟାଚ ଆଇଏଏସ ଚନ୍ଦ୍ର ଶେଖର କୁମାର କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ଏଥିପାଇଁ ଆବେଦନ କରିବା ସକାଶେ ତାଙ୍କୁ ଅନୁମତି ମିଳିଛି। ସେ ଖୁବଶୀଘ୍ର ଡେପୁଟେଶନ ପାଇଁ ଆବେଦନ କରିବେ ବୋଲି ଜଣାପଡିଛି। ଏହି ନୂତନ ନିଯୁକ୍ତି ପୂର୍ବରୁ କୁମାର ରାଜସ୍ୱ ବିଭାଗ ସଚିବ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାର ମଙ୍ଗଳବାର କୁମାରଙ୍କୁ ବଦଳି କରି ଓଏସ୍‌ଡବ୍ଲ୍ୟୁସିର ଅଧକ୍ଷ ଭାବେ ନିଯୁକ୍ତି କରିଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଇଣ୍ଡା,୨୫।୧୨(ଡି.ଏନ.ଏ.)- ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଠାକୁରଗଡ଼ ଥାନା ତାବଡ଼ା ଅଞ୍ଚଳର ରଞ୍ଜନ ବେହେରା, ବାପୁନ ବେହେରା ଓ ଝାରସୁଗୁଡ଼ା ଅଞ୍ଚଳର ସୁବାସ ବାରିକ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୨୩/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପୋଲିସ କହିଛି, ନାବାଳିକାଙ୍କୁ ସୁବାସ ଏକତରଫା ପ୍ରେମ କରୁଥିଲେ। ପରେ ତାଙ୍କୁ ଅପହରଣ କରିବା ପାଇଁ ଯୋଜନା କରିଥିଲେ। ରବିବାର ରାତିରେ ନାବାଳିକା ଜଣକ ଶୌଚ ହେବା ପାଇଁ ଯାଇଥିବାବେଳେ ସହଯୋଗୀ ରଞ୍ଜନ ଓ ବାପୁନଙ୍କ ସହ ମିଶି ସୁବାସ ତାଙ୍କୁ ଅପହରଣ କରି ନେଇଥିଲେ। ତେବେ ସୋମବାର ରାତିରେ ଅଭିଯୁକ୍ତମାନେ ନାବାଳିକାଙ୍କୁ ଘରେ ଛାଡି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନାବାଳିକାଙ୍କ ଘରକୁ ଯାଇ ପଚରାଉଚରା ଜାରି ରଖିଛି। ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି।

### ରାଉରକେଲା ଫାଇନାଲରେ

ବଇଣ୍ଡା,୨୫।୧୨(ଡି.ଏନ.ଏ.)- କିଶୋରନଗର ବରପଡ଼ିଆଠାରେ ଚାଲିଥିବା କିଶୋରନଗର କପର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆରୱାଇ ସିସି ରାଉରକେଲା ଓ ଫୋର ସି ସମ୍ବଲପୁର ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଉରକେଲା ବ୍ୟାଟିଂ କରି ୧୫୩ ରନ କରିଥିଲା। ଜବାବରେ ସମ୍ବଲପୁର ୧୧୧ରନ କରି ପରାଜିତ ହୋଇଛି। ବିଜୟୀ ଦଳର ଅଶୋକ ବାରିକ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜୟକୃଷ୍ଣ ରାଉତ, ବିଭୁଦେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ।

### ଅବସରକାଳୀନ ପ୍ରାପ୍ୟ, ଶିକ୍ଷକ ନିଯୁକ୍ତି ଦାବି

ଅନୁଗୋଳ ଅଫିସ, ୨୫।୧୨- ଅନୁଗୋଳ ଜିଲା ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ଏକ ବୈଠକ ପିଟିସି ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ବୃନ୍ଦାବନ ସ୍ୱାଇଁଙ୍କ ଅଧକ୍ଷତାରେ ଏହି ସଭାରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଘର ରାଜ୍ୟ ସଭାପତି ଅନ୍ତର୍ଯ୍ୟାମୀ ସାମଲ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ଉପସଭାପତି ଜନାର୍ଦ୍ଦନ ଦାସ, ଯୁଗ୍ମ ସମ୍ପାଦକ ମନୋଜ ମହାପାତ୍ର, ଜୟପ୍ରକାଶ ପଣ୍ଡା, ମଞ୍ଚର ସମ୍ପାଦକ ରୁଦ୍ରପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅବସରକାଳୀନ ପ୍ରାପ୍ୟ ସହ ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ଦାବି କରିଥିଲେ।

### ବିଦ୍ୟାଳୟ ବାର୍ଷିକ ଉତ୍ସବ

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଆମ୍ବପାଳ ନତଡା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହଳଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରମୋହନ ସାହ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସରପଞ୍ଚ ମମତା ସେଠୀ, ସମିତିସଭ୍ୟ କବିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନରେଶ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ଅଖିଳ ସାହୁ, ପ୍ରଫୁଲ୍ଲ ପାଣି,ବନମାଳୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସୁନ୍ଦରୀ ସମ୍ପୂର୍ଣ୍ଣ ସୁସ୍ଥ

ବନ୍ତଲା, ୨୫।୧୨(ଡି.ଏନ.ଏ.)

■ଫଟୋ, ଭିଡିଓ ଜାରି କଲା ବିଭାଗ
■୨୦ ଫୁଟ୍ ଗଛରେ ଚଢୁଥିବା ଦୃଶ୍ୟ କଏଦ



ବାଘ ବଂଶ ବୃଦ୍ଧି ପାଇଁ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟକୁ ଅଣାଯାଇଥିବା ବାନ୍ଧବଗଡ ବାଘୁଣୀ 'ସୁନ୍ଦରୀ' ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାଙ୍କୁଲାଇଜେଶନ ପରେ ସୁନ୍ଦରୀକୁ ରାଇଗୁଡା ଏନ୍‌କ୍ଲୋଜରରେ ରଖାଯାଇଥିଲା। ପରେ ବାଘୁଣୀ ଅସୁସ୍ଥ ଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ରବିବାର ବିଭାଗ ପକ୍ଷରୁ ସୁନ୍ଦରୀର ଫଟୋ ଓ ଭିଡିଓ ଜାରି କରାଯାଇଛି। ୨୦ ଫୁଟ୍ ଉଚ୍ଚର ଗଛ ଉପରେ ଚଢିବା ସହ ଗାଧୋଇବା, ଚାଲିବା, ଶିକାର କରିବା, ଦୌଡିବା ଆଦି ଶୈଳୀରୁ ସୁନ୍ଦରୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନାଯୋଗ୍ୟ, ସାତକୋଶିଆ ଅଭୟାରଣ୍ୟକୁ ଛଡାଯିବା ପରେ ଏହା ସୁନ୍ଦରୀ ୨ ଜଣଙ୍କୁ ଆକ୍ରମଣ କରି ମାରିବା ସହ ଗୃହପାଳିତ ପ୍ରାଣୀଙ୍କୁ ମାରି ଖାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ହିଂସାକାଣ୍ଡ ଘଟାଇଥିଲେ। ପରେ ଟିକରପଡା ରେଞ୍ଜ ମହାନଦୀ ଗଣ୍ଡ ମଝି ପଡା ଶିବମନ୍ଦିର ନିକଟରେ ବାଘୁଣୀକୁ ଟ୍ରାଙ୍କୁଲାଇଜ କରାଯାଇ ରାଇଗୁଡାରେ କରାଯାଇଥିବା ଏନ୍‌କ୍ଲୋଜରରେ ଛଡା ଯାଇଛି।

## ବାଜପେୟୀଙ୍କ ଜୀବନୀ ଆଲୋଚନା



ଆୟୋଜିତ ସଭାରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ବଇଣ୍ଡା,୨୫।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ମଙ୍ଗଳବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ବିଶ୍ୱଜିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମଣ୍ଡଳ ସମ୍ପାଦକ ଧ୍ରୁବଚରଣ ସାହୁ, ଯଶୋବନ୍ତ ସାହୁ, ସ୍ୱୟଂମ୍ବର ପ୍ରଧାନ, ପ୍ରିୟବ୍ରତ ପଲେଇ, ଆଠମଲ୍ଲିକ ବିଧାନସଭା ବିଚାରକ କେଶବ ଚନ୍ଦ୍ର ମହାନ୍ତି, ଜିଲା ଯୁବ ମୋର୍ଚ୍ଚାର ଉପସଭାପତି ରାଜେନ୍ଦ୍ର ସାହୁ, ଅଭିରାମ ସାହୁ, ଅମୀୟ ମିଶ୍ର, ଆଶିଷ ବେହେରା, ରୁଦ୍ରନାରାୟଣ ସାହୁ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଭଡ଼ାଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

ପାଲଲହଡ଼ା, ୨୫।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଉଦୟପୁର ସାହିର ଏକ ଭଡାଘରୁ ସେହି ଅଞ୍ଚଳର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ମହିଳା ଜଣକ ଆତ୍ମହତ୍ୟା କରିଥିବା ପୋଲିସ କହୁଥିବାବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ଭଉଣୀ ଅଭିଯୋଗ ଉଠାଇଛନ୍ତି। ତଦନ୍ତକାରୀ ଅଧିକାରୀ ଏଏସଆଇ ରକ୍ଷିବର ପ୍ରଧାନଙ୍କ ସୂଚନା ମୁତାବକ, ମହିଳା ଜଣକ କିଛି ବର୍ଷ ତଳେ ଝିମିରିପାଲି ଗ୍ରାମରେ ବିବାହ କରିଥିଲେ। ପ୍ରାୟ ୩ ବର୍ଷ ତଳେ ସେ ଜଣେ ଜିଆର୍‌ଏସ୍‌ଙ୍କ ସହ ଫେରାର ହୋଇଯାଇଥିଲେ। ପରେ ୩ ମାସ ଧରି ଉଦୟପୁର ସାହିରେ ସେ ଏକ ଭଡାଘରେ ରହୁଥିବା ବେଳେ ମଙ୍ଗଳବାର ସକାଳେ ଦୀର୍ଘ ସମୟ ଧରି ଘରୁ ବାହାରି ନ ଥିଲେ। ଫଳରେ ପଡୋଶୀ କବାଟ ଖୋଲିବାରେ ତାଙ୍କ ମୃତଦେହ ଘରେ ଝୁଲୁଥିବା ଦେଖି ଘର ମାଲିକକୁ ଖବର ଦେଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହେଲେ ମହିଳାଙ୍କ ପରିବାର ଲୋକ ମୃତଦେହ ଗ୍ରହଣ ନ କରିବାରୁ ପୋଲିସ ଅନ୍ତିମ ସଂସ୍କାର କରାଇଛି। ଏଥିସହ ନଂ. ୩୫/୨୦୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସ୍ଆଇ ସୂଚନା ଦେଇଛନ୍ତି। ଅନ୍ୟପଟେ ମହିଳାଙ୍କ ମୃତ୍ୟୁରେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କ ହାତ ଥିବା ମୃତାଙ୍କ ଭଉଣୀ ଅଭିଯୋଗ ଆଣିଛନ୍ତି। ଏ ଦିଗରେ ତଦନ୍ତ ଚାଲିଥିବା ପୋଲିସ କହିଛି।




## ୩୦ ଜଣଙ୍କୁ ସିଲେଇ ପ୍ରଶିକ୍ଷଣ



ପ୍ରମାଣ ପତ୍ର ସହ ପ୍ରଶିକ୍ଷାର୍ଥୀମାନେ।

ମାଧପୁର, ୨୫।୧୨

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତର ଗୌତମପୁର ସେବା ସଂଘଠାରେ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ତରଫରୁ ୩ ମାସ ଧରି ଚାଲିଥିବା ମାଗଣା ସିଲେଇ ଶିକ୍ଷା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ୩୦ ଜଣ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ରୀନା ମହାପାତ୍ର ତାଲିମ୍ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାରିକା ବେହେରା, ସମ୍ମାନିତ ଅତିଥି ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ନାୟକ, ସରପଞ୍ଚ ଟୁନା କର୍ଣ୍ଣ, ଶିକ୍ଷକ ସୀତାକାନ୍ତ ହୋତା, ଦୟନୀୟ ସେବା ସଂଘ ପ୍ରତିଷ୍ଠାତା ଗଙ୍ଗାଧର ଦନ୍ତା ଉପସ୍ଥିତ ଥିଲେ। ବାବା ସିଦ୍ଧେଶ୍ୱର କ୍ଲବ ଗୌତମପୁରର ସଦସ୍ୟମାନେ ସହଯୋଗ କରିଥିଲେ। ଅତିଥିମାନେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଶ୍ରେଣୀଗୃହ ସେଣ୍ଟ୍ରିଂ ଭାଙ୍ଗିଲେ ଦୁର୍ବୃତ୍ତ

ବଇଣ୍ଡା,୨୫।୧୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ଯୁକ୍ତ ୩ କଲେଜର ନିର୍ମାଣାଧୀନ ୩ଟି ଶ୍ରେଣୀଗୃହର ସେଣ୍ଟ୍ରିଂ କାମ ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏଥିସହ ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ଆକ୍ରମଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ଓ କଲେଜ ପରିଚାଳନା କମିଟି ପକ୍ଷରୁ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ କହିଛନ୍ତି, ନୂତନ ଭାବେ କଲେଜ ଖୋଲିଥିବାବେଳେ ଆଠମଲ୍ଲିକ ବିଧାୟକଙ୍କ ଉଦ୍ୟମରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨୦ ଲକ୍ଷ ଓ ସମ୍ବଲପୁର ଏମ୍‌ପିଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ୩ଟି ଶ୍ରେଣୀଗୃହ ନିର୍ମାଣ କରାଯାଉଛି। ଉକ୍ତ କାମ ପାଇକସାହି ଅଞ୍ଚଳର ଜଣେ ଠିକାଦାର କରୁଥିଲେ। ହେଲେ ବିଳମ୍ବ ଯୋଗୁ ଉକ୍ତ କାମ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ନାମକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଘଟଣା ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି। ବ୍ଲକ କନିଷ୍ଠ ଯନ୍ତ୍ରୀ କେ. ମଲ୍ଲିକ କହିଛନ୍ତି, କେତେକ ଅସାମାଜିକ ଯୁବକ ସେଣ୍ଟ୍ରିଂ ଭାଙ୍ଗିବା ସହ ଶ୍ରମିକ, ମିସ୍ତ୍ରୀଙ୍କୁ ମାଡ଼ ମାରିଛନ୍ତି। କଲେଜ କର୍ତ୍ତୃପକ୍ଷ ସୁରକ୍ଷା ଦେଉ ନାହାନ୍ତି। ଆମକୁ ମଧ ଆକ୍ରମଣ ଧମକ ଦିଆଯାଉଛି। ଏ ନେଇ ପୋଲିସର ଆଶ୍ରୟ ନିଆଯିବ।

## ବଡଦିନରେ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା

କଣିହାଁ, ୨୫।୧୨(ଡି.ଏନ.ଏ.)

କଣିହାଁ ବ୍ଲକ କାକୁଡିଆ ଗ୍ରାମରେ ମଙ୍ଗଳବାର ବଡଦିନ ଉପଲକ୍ଷେ ଗ୍ରାମର ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ରାଜକିଶୋର ସାହୁ, ଲମ୍ବୋଦର ପ୍ରଧାନ, ଦେବରାଜ ଦେହୁରୀ, ଗଣେଶ୍ୱର ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ବରିଷ୍ଠ ବ୍ୟକ୍ତିଙ୍କ ନୀରୋଗ ଜୀବନ କାମନା କରିଥିଲେ। ଏପରି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଉପସ୍ଥିତ ଅଞ୍ଚଳର ସାମାଜିକକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଆୟୋଜକ ଇଂ ରୁଦ୍ରମଣି ଦେହୁରୀ, ଶିକ୍ଷକ ଦିଲୀପ ପ୍ରଧାନ, ଆଇନଜୀବୀ ଅନିଲ ପ୍ରଧାନ, ମନୋଜ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୃତୀ କ୍ରୀଡ଼ା ପ୍ରତିଯୋଗୀ ପୁରସ୍କୃତ

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଛେଣ୍ଡିପଦା ବାପୁଜୀ କଲେଜର ୪୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୧୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୌଡ, ଶଟପୁଟ, ଡିସକସ ଥ୍ରୋ, ଲମ୍ବ ଡିଆଁ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ, ସମ୍ମାନିତ ଅତିଥି ଭାବେ ଏଏସ୍ଆଇ ଶୁଭେନ୍ଦୁ କୁମାର ଧିର, ଅଧକ୍ଷ ଲୋକନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅଧାପକ ବସନ୍ତ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ କ୍ରୀଡା ବିଭାଗର ଉପସଭାପତି ଅଧାପକ ପ୍ରଦୀପ କର, ଡ. ଲୋକନାଥ ମିଶ୍ର, ସୁଜାତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କିଶୋରନଗର ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ବଇଣ୍ଡା, ୨୫।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଚଟିଆମାଳ ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ଚଟିଆମାଳ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଘୋଷର କ୍ରିକେଟ୍ କ୍ଲବକୁ ହରାଇ କିଶୋରନଗର ଏମଏନସିସି ଚାମ୍ପିୟନ ହୋଇଛି। ପ୍ରଥମେ କିଶୋରନଗର ବ୍ୟାଟିଂ କରି ୧୪୬ ରନ କରିଥିଲା। ଜବାବରେ ଘୋଷର ୧୩୬ ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ କିଶୋରନଗର ଦଳର କୁନା ମୁଖୀ ମ୍ୟାନ ଅଫ ଦି ମ୍ୟାଚ୍ ଓ ବଣ୍ଟି ପ୍ରଧାନ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ଯୁବ ସଭାପତି ପ୍ରତାପ ମାଝି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟବ୍ରତ ସାହୁ, ସମ୍ମାନିତ ଅତିଥି ଭାବେ ସୁଜିତ୍ ପ୍ରଧାନ, ସଞ୍ଜୟ ଦାସ, ବୁଲୁ ଜେନାମଣି ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଯତୀନ ପ୍ରଧାନ, ଦେବରାଜ ପ୍ରଧାନ ପରିଚାଳନା କରିଥିଲେ। ସୁନୀଲ ପ୍ରଧାନ ଧାରା ବିବରଣୀ ପାଠ କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ